# NATIONAL NEWS BULLETIN (ODIA)

**5 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ବାଚନିକ ଭୋଟ୍‌ରେ ପାରିତ ହେଲା ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ।

- ରାଜ୍ୟସଭାରେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବେ ପ୍ରଧାନମନ୍ତ୍ରୀ ।

- ବିଶ୍ୱସ୍ତରୀୟ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ ପାଇଁ ଭାରତର ନେତୃତ୍ୱକୁ ପ୍ରଶଂସା କଲେ ଜାତିସଂଘ ମହାସଚିବ ।

ଏବଂ

- ଭଦୋଦରାର କୋଟାମ୍ବିସ୍ଥିତ ବିସିଏ ଷ୍ଟାଡିୟମରେ ଆଜି ଅନୁଷ୍ଠିତ ହେବ ମହିଳା ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍ ।

## ଏଲ୍ ଏସ୍ ମୋସନ ଅଫ୍ ଥ୍ୟାଙ୍କ୍ସ

ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ବାଚନିକ ଭୋଟ୍‌ରେ ପାରିତ ହୋଇଛି । ଗତମାସ ୨୮ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହକୁ ସମ୍ବୋଧିତ କରିଥିଲେ । ଅଭିଭାଷଣ ଉପରେ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ସାଂସଦ ସର୍ବାନନ୍ଦ ସୋନଓ୍ୱାଲ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ଓ ବିଜେପି ସାଂସଦ ତେଜସ୍ୱୀ ସୂର୍ଯ୍ୟ ଏହାକୁ ସମର୍ଥନ

କରିଥିଲେ । ଧନ୍ୟବାଦ ପ୍ରସ୍ତାବ ଗୃହୀତ ହେବା ନେଇ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅବଗତ କରାଇଥିଲେ ।

**V/O (Omm Birla Lokasabha)**

ଆଜି ପ୍ରଥମ ମୁଲତବୀ ପରେ ପୁଣି ଦିନ ୧୨ଟାରେ ଗୃହ ମିଳିତ ହେବା ସମୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଧନ୍ୟବାଦ ପ୍ରସ୍ତାବ ଗ୍ରହଣ କରିଥିଲେ । ଶ୍ରୀ ବିର୍ଲା ଧନ୍ୟବାଦ ପ୍ରସ୍ତାବ ଉପରେ ବିରୋଧୀ ସଦସ୍ୟଙ୍କ ଦ୍ୱାରା ଆଗତ ସଂଶୋଧନ ଉପରେ ଭୋଟ୍‌ଦେବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ତାହା ପ୍ରତ୍ୟାଖାନ ହୋଇଥିଲା । ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଲୋକସଭାରେ ଧନ୍ୟବାଦ ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା କହିଥିଲେ ଲୋକସଭାରେ ବଜେଟ୍ ୨୦୨୬-୨୭ ଉପରେ ଆଲୋଚନା ହେବ ଏବଂ ସଦସ୍ୟମାନେ ଏହା ଉପରେ ନିଜର ମତାମତ ଉପସ୍ଥାପନ କରିପାରିବେ । ତେବେ ବିରୋଧୀଙ୍କ ଦ୍ୱାରା ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଆଜି ପୂର୍ବାହ୍ନ ୧୧ଟା ସମୟରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀଦଳ ସଦସ୍ୟମାନେ ଟ୍ରେଜରୀ ବେଞ୍ଚ ନିକଟରେ ପହଞ୍ଚି ସ୍ଲୋଗାନ ଦେଇଥିଲେ । ଶ୍ରୀ ବିର୍ଲା କହିଥିଲେ ସଦସ୍ୟମାନଙ୍କ ଏଭଳି ଆଚରଣ ଗ୍ରହଣୀୟ ନୁହେଁ । ଏଭଳି ବ୍ୟବହାର ଗୃହର ମର୍ଯ୍ୟାଦା ନଷ୍ଟ କରୁଛି ବୋଲି ସେ କହିଥିଲେ । ଶ୍ରୀ ବିର୍ଲା କହିଥିଲେ ଯଦି ଗୃହର ମର୍ଯ୍ୟାଦା ରକ୍ଷା କରା ନଯାଏ ତେବେ କୌଣସି ବାଚସ୍ପତି ଗୃହର କାର୍ଯ୍ୟ ସଠିକ୍ ଢ଼ଙ୍ଗରେ ଚଳାଇ

ପାରିବେ ନାହିଁ । ସେ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

## ଆର୍‌ଏସ୍ ପିଏମ୍ ରିପ୍ଲାଏ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବେ । ବିରୋଦୀଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ଅଭିଯୋଗର ଉତ୍ତରରେ ଶ୍ରୀ ରିଜିଜୁ କହିଥିଲେ ଗୃହର ସମସ୍ତ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିବା ପାଇଁ ଇଚ୍ଛାପ୍ରକାଶ କରିଛନ୍ତି; କିନ୍ତୁ କଂଗ୍ରେସ ଦଳ ତାହା ଚାହୁଁନାହିଁ । ଶ୍ରୀ ରିଜିଜୁ ଶ୍ରୀ ଖଡଗେଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ ।

**V/O (Kiran Rijiju)**

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦେଶର ହିତ ଦୃଷ୍ଟିରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କହିବାକୁ ଚାହୁଁଥିଲେ ମଧ ତାଙ୍କୁ ଅନୁମତି ଦିଆଯାଇନଥିଲା ବୋଲି ଶ୍ରୀ ଖଡଗେ ଅଭିଯୋଗ କରିଥିଲେ । ଶ୍ରୀ ରିଜିଜୁ କହିଥିଲେ ରାହୁଲ ଗାନ୍ଧୀ ସଂସଦୀୟ ନୀତି ନିୟମକୁ ଅନୁସରଣ କରୁନାହାନ୍ତି ଏବଂ ଅନ୍ୟକିଛି କହିବାକୁ ଚାହୁଁଛନ୍ତି । ଶ୍ରୀ ଖଡଗେ କହିଥିଲେ କେବଳ ରାଜ୍ୟସଭା ନୁହେଁ ଉଭୟ ରାଜ୍ୟସଭା ଏବଂ ଲୋକସଭାକୁ ନେଇ ସଂସଦ ଗଠିତ । କେନ୍ଦ୍ରମନ୍ତ୍ରୀ ତଥା ଗୃହର ନେତା ଜେ.ପି. ନଡ୍ଡା ଶ୍ରୀ ଖଡଗେଙ୍କ ମନ୍ତବ୍ୟକୁ ଖଣ୍ଡନ କରିବା ସହ ଲୋକସଭାର କୌଣସି ବିଷୟ

ରାଜ୍ୟସଭାରେ ଆଲୋଚନା ହୋଇପାରିବ ନାହିଁ ବୋଲି କହିଥିଲେ । ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସଂସଦରେ ସବୁ ସମୟରେ ପ୍ରତ୍ୟେକଟି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ପ୍ରସ୍ତୁତ ଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ବାରମ୍ବାର ହଟ୍ଟଗୋଳ ସୃଷ୍ଟି କରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ।

## ଛତିଶଗଡ-ମାଓଇଷ୍ଟ କିଲ୍‌ଡ

ଛତିଶଗଡର ବିଜାରପୁରରେ ଆଜି ସକାଳେ ସୁରକ୍ଷାବଳ ସହ ଗୁଳିବିନିମୟରେ ଜଣେ ମାଓବାଦୀର ମୃତ୍ୟୁ ଘଟିଛି । ପୋଲିସ ସୂତ୍ରରୁ ଜଣାପଡିଛି ସଂପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ମିଳିବା ପରେ ବିଜାପୁର ଜିଲ୍ଲାର ଦକ୍ଷିଣାଞ୍ଚଳରେ ସୁରକ୍ଷାବଳର ଏକ ମିଳିତ ଟିମ୍ ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ସକାଳଠାରୁ ଉଭୟପଟୁ ଗୁଳିବିନିମୟ ଆରମ୍ଭ ହୋଇଥିଲା । ସର୍ବଶେଷ ସୂଚନା ଅନୁଯାୟୀ ଜଣେ ମାଓବାଦୀର ମୃତଦେହ ଉଦ୍ଧାର ହେବା ସହ ଗୋଟିଏ ଏକେ-୪୭ ରାଇଫଲ ଉଦ୍ଧାର କରାଯାଇଛି । ତଲାସୀ ଅଭିଯାନ ଜାରି ରହିଛି ।

# ୟୁଏନ୍ ଇଣ୍ଡିଆ -ଏଆଇ ସମିଟ୍

ଜାତିସଂଘ ମହାସଚିବ ଆଗାମୀ ବିଶ୍ୱସ୍ତରୀୟ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ ପାଇଁ ଭାରତର ନେତୃତ୍ୱକୁ ପ୍ରଶଂସା କରିଛନ୍ତି । ଅନ୍ତର୍ଜାତି କ୍ଷେତ୍ରରେ ସମ୍ପର୍କ ଦୃଢ଼ କରୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ କୃତ୍ରିମ ବୁଦ୍ଧିମତା ଉଭା ହୋଇଛି ବୋଲି ସେ କହିଛନ୍ତି । ଦ୍ରୁତଗତିରେ ବିକଶିତ ହେଉଥିବା ପ୍ରଯୁକ୍ତିବିଦ୍ୟା ଦ୍ୱାରା ଯେଉଁ ଆହ୍ୱାନ ଏବଂ ସୁଯୋଗ ସୃଷ୍ଟି ହେଉଛି ତାହାର  ଫଳାଫଳକୁ ପରୀକ୍ଷା କରିବା ଲାଗି ଦେଶଗୁଡ଼ିକୁ ଏକାଠି ହେବାକୁ ପଡିବ ବୋଲି ଶ୍ରୀ ଗୁଟେରସ କହିଛନ୍ତି ।

ଚଳିତମାସ ୧୯ ଏବଂ ୨୦ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ରେ ଯୋଗଦେବା ଲାଗି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଭାରତ ଗସ୍ତରେ ଆସିବେ । ଏହା ପ୍ରଥମ ବିଶ୍ୱସ୍ତରୀୟ ଏଆଇ ସମ୍ମିଳନୀ ହେବ ।

# ଓ୍ୱମେନ୍ ଡେଭଲପମେଣ୍ଟ

କେନ୍ଦ୍ର ମହିଳା ଓ ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ନ୍ୟୁୟର୍କରେ ଗୁଏଟମାଳାର ସାମାଜିକ ବିକାଶ ଉପମନ୍ତ୍ରୀ କ୍ଲାଉଡିଆ ଟେରେସା ଭାଲେନଜୁଏଲା ଲୋପେଜଙ୍କ ସହ ସାକ୍ଷାତ୍ କରିଛନ୍ତି । ଶ୍ରୀମତୀ ଠାକୁର ଗୁଏଟମାଳା ସହ ସାମାଜିକ ବିକାଶ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଭାଗିତା ବୃଦ୍ଧି କରିବା ଲାଗି ଭାରତର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । କେନ୍ଦ୍ର ମହିଳା ଓ

ଶିଶୁବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଉଭୟ ପକ୍ଷ ଲିଙ୍ଗଗତ ସମାନତା, ଦାରିଦ୍ର୍ୟ ଦୂରୀକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ଜାତିସଂଘରେ ସହଯୋଗ ପ୍ରତି ମିଳିତ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଲୋଚନା ସମୟରେ ମହିଳାମାନଙ୍କ ନେତୃତ୍ୱରେ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ଭାରତର ନୀତି ଉପରେ ମନ୍ତ୍ରୀ ଶ୍ରୀମତୀ ଠାକୁର ଆଲୋକପାତ କରିଥିଲେ । ବୈଠକରେ ଶ୍ରୀମତୀ ଠାକୁର ଭାରତର ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତାବିକାଶ, ଡିଜିଟାଲ ସଶକ୍ତିକରଣ ଏବଂ ଆର୍ଥିକ ବିକାଶରେ ମହିଳାମାନଙ୍କ ଅଂଶଗ୍ରହଣ ସମ୍ପର୍କରେ ଉପସ୍ଥାପନ କରିଥିଲେ । ନ୍ୟୁୟର୍କରେ ମନ୍ତ୍ରୀ ଶ୍ରୀମତୀ ଠାକୁର ପ୍ରବାସୀ ଭାରତୀୟଙ୍କ ସହ ବାର୍ତ୍ତାଳାପ କରି ଦେଶର ବିକାଶ ଦିଗରେ ସକ୍ରିୟ ଭାବେ ଅବଦାନ ପାଇଁ ଆହ୍ୱାନ ଦେଇଥିଲେ ।

## ଇଣ୍ଡିଆ-ୟୁଏସ୍ ଲେଦର

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ଚମଡା ରପ୍ତାନୀ ପରିଷଦ ପ୍ରସଂଶା କରିଛି । ଏହାକୁ ଭାରତ ପାଇଁ ଏକ ବଡ ବିଜୟ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । ଆକାଶବାଣୀ ସମ୍ବାଦ ବିଭାଗ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ଚମଡା ରପ୍ତାନୀ ପରିଷଦର ଆଞ୍ଚଳିକ ଅଧ୍ୟକ୍ଷ ଅସଦ ଇରାକି କହିଛନ୍ତି ଚମଡା ସାମଗ୍ରୀ ଉପରେ ଶୁଳ୍କ ହ୍ରାସ ପାଇବା ଫଳରେ ବ୍ୟବସାୟୀମାନେ ଆଶ୍ୱସ୍ତ ହୋଇଛନ୍ତି । ଏହି ଚୁକ୍ତି ଦେଶର ଚମଡା ଶିଳ୍ପର

ବୃଦ୍ଧି ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି । ଶ୍ରୀ ଇରାକି' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଥିଲାଗି ଧନ୍ୟବାଦ ଦେଇଛନ୍ତି ।

**V/O (Arsad Eraki)**

# ଡବ୍ଲ୍ୟୁପିଏଲ୍ କ୍ରିକେଟ

ମହିଳା ପ୍ରିମିୟର ଲିଗ୍‌ରେ ଆଜି ଫାଇନାଲ ମ୍ୟାଚ୍ ଭଦୋଦରାର କୋଟାମ୍ବିସ୍ଥିତ ବିସିଏ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ସଂଧ୍ୟା ୭ଟା ୩୦ ମିନିଟ୍ ସମୟରେ ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣର ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ଏହି ପ୍ରିମିୟର ଲିଗ୍‌ରେ ବିସିସିଆଇ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କାର ପୁରସ୍କାର ରଖାଯାଇଛି । ଚଳିତ ସିଜିନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୮ଟି ମ୍ୟାଚ୍‌ରୁ ୬ଟିରେ ବିଜୟଲାଭ କରି ୧୨ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ଗୁଜୁରାଟ ୫ଟି ମ୍ୟାଚ୍ ଜିତି ୧୦ ପଏଣ୍ଟ ଓ ଦିଲ୍ଲୀ କ୍ୟାପିଟାଲ୍ସ ୪ଟି ମ୍ୟାଚ୍ ଜିତି ୮ ପଏଣ୍ଟ ହାସଲ କରିଛନ୍ତି । ସେହିପରି ମୁମ୍ବାଇ ଇଣ୍ଡିଆନ୍ସ ୩ଟି ବିଜୟଲାଭ କରି ୬ ପଏଣ୍ଟ ଓ ୟୁପି ୱାରିୟର୍ସ ୨ଟି ମ୍ୟାଚ୍‌ରେ ବିଜୟ ସହ ୪ ପଏଣ୍ଟ ହାସଲ କରିଛି ।

# କ୍ରିକେଟ୍

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭାରତ ଷଷ୍ଠଥର ଲାଗି ପ୍ରବେଶ କରିଛି । ଗତକାଲି ଜିମ୍ବାୱେର ହରାରେ ଠାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ' ଆଫଗାନିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଛି ।

ବୁଲାୱେ ଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଇଂଲଣ୍ଡ ଗତବର୍ଷର ଚାମ୍ପିୟନ୍ ଅଷ୍ଟ୍ରେଲିୟାକୁ ୨୭ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିସାରିଛି । ଆସନ୍ତାକାଲି ଭାରତ ଫାଇନାଲରେ ଇଂଲଣ୍ଡକୁ ଭେଟିବ ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ବର୍ତ୍ତମାନ ସୁଦ୍ଧା ଅପରାଜିତ ଅଛନ୍ତି । ପୂର୍ବରୁ ଭାରତୀୟ ଦଳ ୨୦୦୦, ୨୦୦୮, ୨୦୧୨, ୨୦୧୮ ଏବଂ ୨୦୨୨ ମସିହାରେ ୫ଥର ଲାଗି ଚାମ୍ପିୟନ୍ ଟାଇଟଲ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆକୁ ଏହି ଟାଇଟଲ ୪ଥର ମିଳିଛି ।